# NATIONAL NEWS BULLETIN (ODIA)

## 23rd February - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଦେଶର ବିକାଶ ଯାତ୍ରାରେ ସାମିଲ୍ ହେବାପାଇଁ ପଶ୍ଚିମବଙ୍ଗବାସୀଙ୍କୁ ଚିଠି ମାଧ୍ୟମରେ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

— ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ସହାୟତାରେ ହେଉଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ କଲେ ଆଲୋକପାତ ।

- ଭାରତ ଟ୍ୟାକ୍ସିର ସାରଥୀ ତଥା ଚାଳକଙ୍କ ସହ ନୂଆଦିଲ୍ଲୀରେ ମତ ବିନିମୟ କଲେ ସମବାୟ ମନ୍ତ୍ରୀ ଅମିତ୍ ଶାହା ।

- ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ କାର୍ଯ୍ୟକ୍ଷମ ଥିବା କୋଇଲାଭିତ୍ତିକ ଶିଳ୍ପସଂସ୍ଥାଗୁଡ଼ିକର ସ୍ଥାନାନ୍ତରଣ ପ୍ରସ୍ତାବ ଉପରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ ।

ଏବଂ

- ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଜିମ୍ବାୱେର ବୋଲିଂ ନିଷ୍ପତ୍ତି ।

## ପି.ଏମ୍. - ଲେଟର୍ ଡବ୍ଲ୍ୟୁ.ବି.

ଦେଶର ବିକାଶ ଯାତ୍ରାରେ ଯୋଗ ଦେବାପାଇଁ ପଶ୍ଚିମବଙ୍ଗବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ଚିଠି ମାଧ୍ୟମରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗପାଇଁ ବି.ଜେ.ପି.ର ବିକାଶ ଦୃଷ୍ଟିକୋଣକୁ ଉପସ୍ଥାପନ କରିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଆଉ କିଛିମାସ ପରେ ପଶ୍ଚିମବଙ୍ଗର ଭାଗ୍ୟ ନିର୍ଣ୍ଣୟ ହେବ ଏବଂ ଆଗାମୀ ପିଢ଼ି ଭବିଷ୍ୟତର କେଉଁ ପଥ ଗ୍ରହଣ କରିବ, ତାହା ତାଙ୍କ ସୁନିଚିନ୍ତିତ ନିଷ୍ପତ୍ତି ଉପରେ ନିର୍ଭର କରେ । ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଏବଂ ଶ୍ରୀଅରବିନ୍ଦଙ୍କ ପରି ମହାତ୍ମା ଯେଉଁ ସମସାମୟିକ ପଶ୍ଚିମବଙ୍ଗର ସ୍ୱପ୍ନ ଦେଖିଥିଲେ, ତାହା ଆଜିର ପରିସ୍ଥିତିରେ ପ୍ରତିଫଳିତ ହେଉ ନାହିଁ । ପଶ୍ଚିମବଙ୍ଗରେ ବେଆଇନ ଅନୁପ୍ରବେଶ ଏବଂ ମହିଳାଙ୍କ ବିରୋଧରେ ହିଂସା ପରିବେଶକୁ ଅଧିକ କ୍ଷତି ପହଞ୍ଚାଉଛି । କେନ୍ଦ୍ର ସରକାରଙ୍କ ସହଯୋଗରେ ପଶ୍ଚିମବଙ୍ଗରେ ହୋଇଥିବା କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ଉପରେ ଚିଠିରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛ ଭାରତ ଅଭିଯାନ

ଅଧୀନରେ ରାଜ୍ୟରେ ୮୫ ଲକ୍ଷ ଶୌଚାଳୟ ନିର୍ମାଣ କରାଯାଇଛି । କ୍ଷୁଦ୍ର ବ୍ୟବସାୟୀ ଏବଂ ଉଦ୍ୟୋଗୀଙ୍କୁ ୨ ଲକ୍ଷ ୮୨ ହଜାର କୋଟି ଟଙ୍କାର ଋଣ ପ୍ରଦାନ ମାଧ୍ୟମରେ କେନ୍ଦ୍ର ସରକାର ସହାୟତାର ହାତ ବଢ଼ାଇଛନ୍ତି । ଅଟଳ ପେନ୍‌ସନ ଯୋଜନାରେ ୫୬ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଆତ୍ମନିର୍ଭରଶୀଳ କରାଯିବା ସହିତ ଉଜ୍ଜ୍ୱଳା ଯୋଜନା ଅଧୀନରେ ୧ କୋଟିରୁ ଅଧିକ ପରିବାରକୁ ରନ୍ଧନ ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି । କୃଷକ ସମ୍ମାନ ନିଧି ଯୋଜନା ଅଧୀନରେ ପଶ୍ଚିମବଙ୍ଗର ୫୨ ଲକ୍ଷରୁ ଅଧିକ ଚାଷୀଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ବିଭିନ୍ନ କ୍ଷେତ୍ରରେ ପଶ୍ଚିମବଙ୍ଗରେ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁଁ କେନ୍ଦ୍ରୀୟ କଲ୍ୟାଣ ଯୋଜନା ପ୍ରବର୍ତ୍ତନରେ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ପଶ୍ଚିମବଙ୍ଗର ବହୁ କୋଟି ଲୋକ ଜନଧନ ଯୋଜନା ଅଧୀନରେ ସାମିଲ୍ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଯୋଗୁଁ ପଶ୍ଚିମବଙ୍ଗ ଆଜି ଦେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ।

## ପି.ଏମ୍. - ରାଜାଜୀ ଉତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦେଶମାତୃକା ପ୍ରତି ସି. ରାଜଗୋପାଳଚାରୀଙ୍କ ବଳିଷ୍ଠ ଅବଦାନର ବିଭିନ୍ନ ଦିଗକୁ ରାଜାଜୀ ଉତ୍ସବ ପ୍ରତିଫଳିତ କରୁଛି । ଏକାଧିକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି’

ରାଜାଜୀ ଉତ୍ସବକୁ ପ୍ରଶଂସା କରିବା ସହିତ ଏଭଳି ପ୍ରୟାସ ଦେଶକୁ ମାର୍ଗଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବାପାଇଁ ଉଚିତ । ଉପନିବେଶବାଦୀ ମାନସିକତାକୁ ତ୍ୟାଗ କରିବା ସହିତ ଦେଶପ୍ରତି ସଙ୍କଳ୍ପବଦ୍ଧ ହେବାକୁ ଏହା ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜାଜୀ ଜଣେ ଉଚ୍ଚକୋଟୀର ବିଦ୍ୱାନ, ସ୍ୱାଧୀନତା ସଂଗ୍ରାମୀ, ଚିନ୍ତାନାୟକ ଏବଂ ପ୍ରଶାସକ ଥିଲେ । ଦେଶପ୍ରତି ଅଙ୍ଗୀକାରବଦ୍ଧତାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜାଜୀ ଉତ୍ସବକୁ ପରିଦର୍ଶନ କରିବା ଏବଂ ଏଥିରୁ ପ୍ରେରଣା ଗ୍ରହଣ କରିବାକୁ ସେ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ୍ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଜୀବନାଦର୍ଶ ନେଇ ରାଜାଜୀ ଉତ୍ସବ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ତାଙ୍କର ପ୍ରତିମୂର୍ତ୍ତିକୁ ଅଶୋକ ମଣ୍ଡପ ନିକଟବର୍ତ୍ତୀ ଗ୍ରାଣ୍ଡ୍ ଓପନ୍ ଷ୍ଟେୟାରକେସ୍‌ଠାରେ ଏଡଓ୍ୱିନ୍ ଲଟିଏନ୍ସଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ସ୍ଥାପନ କରାଯାଇଛି । ଭାରତର ସଂସ୍କୃତି, ଐତିହ୍ୟ ଏବଂ ନିରନ୍ତର ପରମ୍ପରାକୁ ସମ୍ମାନ ଜଣାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ମାର୍ଚ୍ଚ ମାସ ପହିଲା ପର୍ଯ୍ୟନ୍ତ ଏହି ଅବସରରେ

ଅନୁଷ୍ଠିତ ହେବାକୁ ଥିବା ରାଜାଜୀ ଉତ୍ସବରେ ଶ୍ରୀ ରାଜଗୋପାଳଚାରୀଙ୍କ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେଉଛି ।

## ଶାହା – ଭାରତ ଟ୍ୟାକ୍ସି

ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଭାରତ ଟ୍ୟାକ୍ସିର ସାରଥୀ ତଥା ଚାଳକମାନଙ୍କ ସହ ମତ ବିନିମୟ କରିଛନ୍ତି। ଏ ସଂପର୍କିତ ଏକ ଭିଡ଼ିଓ ଉନ୍ମୋଚନ କରି ଶ୍ରୀ ଶାହା କହିଛନ୍ତି, 'ଭାରତ ଟ୍ୟାକ୍ସି ସମବାୟ' ଚାଳକମାନଙ୍କୁ ସେମାନଙ୍କର କାର୍ଯ୍ୟପାଇଁ ମାଲିକାନା ପ୍ରଦାନ କରି ତାଙ୍କୁ ସଶକ୍ତ କରିଛି । ସେ କହିଛନ୍ତି, ଏହି ପଦକ୍ଷେପ ଦ୍ୱାରା ଘରୋଇ ଟ୍ୟାକ୍ସି ସେବା କମ୍ପାନୀ ସଂପର୍କିତ ବିଭିନ୍ନ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ । ଟ୍ୟାକ୍ସି ଚାଳକମାନଙ୍କ କଲ୍ୟାଣ ଏବଂ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଏହା ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିବ ବୋଲି ଶ୍ରୀ ଶାହା କହିଛନ୍ତି । ଭାରତ ଟ୍ୟାକ୍ସିର ଅନନ୍ୟ ସାରଥୀ ଦିଦି ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ମହିଳା ଯାତ୍ରୀମାନଙ୍କପାଇଁ ଏହା ଅଧିକ ଉପଯୋଗୀ ହୋଇପାରିବ । ଭାରତ ଟ୍ୟାକ୍ସିର ସାରଥୀମାନେ ବୀମା ସୁବିଧା ଏବଂ ସହଜ ଋଣ ଉପଲବ୍ଧ କରିପାରିବେ ବୋଲି ଶ୍ରୀ ଶାହା କହିଛନ୍ତି ।

***Voice (Shah - Sarathi Didi*** *:……*

## ଏମ୍.ଏଚ୍. - ପ୍ରହାର

ଦେଶରେ ନୂତନ ଜାତୀୟ ଆତଙ୍କବାଦ ବିରୁଦ୍ଧ ନୀତି ଏବଂ ରଣନୀତିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଜି ଉନ୍ମୋଚନ କରିଛି । 'ପ୍ରହାର' ନାମରେ ନାମିତ ଏହି ନୀତି ଆତଙ୍କବାଦ ଆହ୍ୱାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ବିକଶିତ କରାଯାଇଛି । ମନ୍ତ୍ରଣାଳୟ କହିଛି, ପରିବର୍ତ୍ତିତ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ଏସଂକ୍ରାନ୍ତ ଆହ୍ୱାନକୁ ପ୍ରତିହତ କରିବାରେ ଏହି ନୀତି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଭାରତ ସର୍ବଦା ଆତଙ୍କବାଦୀ ପ୍ରଭାବିତ ଲୋକଙ୍କ ସହ ରହିଛି ଏବଂ ବିଶ୍ୱସ୍ତରରେ ହିଂସାତ୍ମକ ମାର୍ଗ ଯଥାର୍ଥ ନୁହେଁ ବୋଲି ବିଶ୍ୱାସ ରଖିଆସିଛି । ଆତଙ୍କବାଦ ବିରୋଧରେ ଶୂନ୍ୟସହନଶୀଳ ନୀତିକୁ ଏଭଳି ଆଭିମୁଖ୍ୟ ପ୍ରତିଫଳିତ କରୁଛି ବୋଲି ମନ୍ତ୍ରଣାଳୟ କହିଛି ।

## ଏସ୍.ସି. - ଏୟାର ପଲ୍ୟୁସନ୍

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ କାର୍ଯ୍ୟକ୍ଷମ ଥିବା ସମସ୍ତ କୋଇଲାଭିତ୍ତିକ ଶିଳ୍ପସଂସ୍ଥାକୁ ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତର କରିବା ନେଇ

ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ମାଗିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ବିପୁଲ୍ ଏମ୍. ପାଞ୍ଚୋଲିଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ସମ୍ପୃକ୍ତ ମନ୍ତ୍ରଣାଳୟଗୁଡ଼ିକଠାରୁ ଜବାବ ମାଗିଛନ୍ତି । ଜାତୀୟ ରାଜଧାନୀ କ୍ଷେତ୍ରରେ ବାୟୁ ଗୁଣବତ୍ତା ମାନକ ହ୍ରାସ ନେଇ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି । ବାୟୁ ଗୁଣବତ୍ତା ପରିଚାଳନା କମିଶନ - ସି.ଏ.କ୍ୟୁ.ଏମ୍. ଦେଇଥିବା ପରାମର୍ଶ ଆଧାରରେ ଆସନ୍ତା ମାସ ୧୨ ତାରିଖରେ ଯାନବାହନଜନିତ ବାୟୁ ପ୍ରଦୂଷଣ ଯାଞ୍ଚ୍ କରିବାକୁ ଖଣ୍ଡପୀଠ କହିଛନ୍ତି । ଆସନ୍ତା ମାସ ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣିପାଇଁ ଦିନ ଧାର୍ଯ୍ୟ ହୋଇଛି । ତେବେ ଜାତୀୟ ରାଜଧାନୀ ଅଞ୍ଚଳରେ ଆସୁଥିବା ଉତ୍ତର ପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନର କୋଇଲା ଆଧାରିତ ଶିଳ୍ପ ଅଂଶୀଦାରମାନଙ୍କଠାରୁ ଏନେଇ ପରାମର୍ଶ ଏବଂ ଆପତ୍ତି ଆହ୍ୱାନ କରିବାନେଇ ସାଧାରଣ ନୋଟିସ୍ ଜାରି କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଇସ୍ରାଏଲ୍ ଆମ୍ବାସାଡ଼ର - ପି.ଏମ୍. ଭିଜିଟ୍

ଇସ୍ରାଏଲ୍‌କୁ ଆଗାମୀ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରିବାକୁ ଉତ୍ସୁକତାର ସହ ଅପେକ୍ଷା କରାଯାଇଛି ବୋଲି ଭାରତରେ

ଅବସ୍ଥାପିତ ଇସ୍ରାଏଲ୍ ରାଷ୍ଟ୍ରଦୂତ ରିଉଭେନ୍ ଆଜାର କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଆଜି କହିଛନ୍ତି, ଶ୍ରୀ ମୋଦିଙ୍କ ଗସ୍ତ ଉଭୟ ରାଷ୍ଟ୍ରକୁ ନିର୍ଣ୍ଣାୟକ ଭାବେ ଆଗକୁ ବଢ଼ିବାକୁ ସହାୟକ ହେବ । ଉଭୟ ଦେଶ ମଧ୍ୟରେ ସହଭାଗିତା ବିଶ୍ୱାସ ଉପରେ ପର୍ଯ୍ୟବସିତ ଏବଂ ବିଭିନ୍ନ କ୍ଷେତ୍ରରେ ସୃଷ୍ଟ ଆହ୍ୱାନଗୁଡ଼ିକୁ ସ୍ୱଷ୍ଟ ବୁଝାମଣାଦ୍ୱାରା ପ୍ରତିହତ କରାଯାଇଥାଏ । ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରିସ୍ଥିତି ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଛନ୍ତି । ଶ୍ରୀ ମୋଦିଙ୍କ ଗସ୍ତ ଅବସରରେ ସଂଶୋଧିତ ସୁରକ୍ଷା ଚୁକ୍ତିନାମା ସ୍ୱାକ୍ଷର ମାଧ୍ୟମରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଭାଗିତା ଅଧିକ ସୁଦୃଢ଼ ହେବାନେଇ ଆଶା କରାଯାଉଛି ବୋଲି ଶ୍ରୀ ଆଜାର କହିଛନ୍ତି ।

ଇସ୍ରାଏଲ୍‌ରେ ବସବାସ କରୁଥିବା ପ୍ରାୟ ୨୦ ହଜାର ପ୍ରବାସୀ ଭାରତୀୟ ସେଠାକାର ବିଭିନ୍ନ କ୍ଷେତ୍ରର ବିକାଶରେ ନିଜର ଯୋଗଦାନ କରୁଛନ୍ତି । ସେଠାକାର ଅଧିକାଂଶ ଭାରତୀୟ ବଂଶୋଭବ ମହାରାଷ୍ଟ୍ର, କେରଳ ଏବଂ କୋଲ୍‌କାତାରୁ ଯାଇଥିବା ଜଣାପଡ଼ିଛି । ପ୍ରବାସୀ ଭାରତୀୟମାନେ ସେଠାରେ ସେବାକ୍ଷେତ୍ର, ହୀରା ବ୍ୟବସାୟ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ବଦ୍ୟାର୍ଥୀ ଭାବରେ ବସବାସ କରୁଛନ୍ତି ।

## ବାଫ୍‌ଟା ଆୱାର୍ଡ଼

ଶିଶୁ ଏବଂ ପାରିବାରିକ ଚଳଚ୍ଚିତ୍ର ବର୍ଗରେ ଅଣାଅଶୀତମ ବ୍ରିଟିଶ ଏକାଡେମୀ ଫିଲ୍ମ ପୁରସ୍କାର-ବାଫ୍‌ଟା ହାସଲ କରିଥିବା ମଣିପୁରୀ ଚଳଚ୍ଚିତ୍ର

'ବୁଙ୍ଗ୍' ସହିତ ଜଡ଼ିତ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଏହି ସଫଳତା ଦେଶ ସହିତ ବିଶେଷକରି ମଣିପୁର ପାଇଁ ଆନନ୍ଦର ମୁହୂର୍ତ୍ତ ପାଲଟିଛି । ଦେଶର ବ୍ୟାପକ ସୃଜନଶୀଳ ପ୍ରତିଭାକୁ ଏହି ପୁରସ୍କାର ପ୍ରତିପାଦନ କରୁଛି ବୋଲି ଶ୍ରୀମୋଦି କହିଛନ୍ତି ।

ଫରହାନ୍ ଅଖ୍ତରଙ୍କ ଏକ୍ସେଲ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରକୁ ଲକ୍ଷ୍ମୀପ୍ରିୟା ଦେବୀ ନିର୍ଦ୍ଦେଶନା ଦେଇଛନ୍ତି । ଅଖତର ଏବଂ ରିତେଶ ସିଧ୍ୱାନୀ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ । ଲଣ୍ଡନ୍‌ର ରୟାଲ୍ ଫେଷ୍ଟିଭାଲ୍ ହଲ୍‌ଠାରେ ଗତକାଲି ଅନୁଷ୍ଠିତ ବାଫ୍‌ଟା ସମାରୋହରେ ମଣିପୁରୀ ଚଳଚ୍ଚିତ୍ର 'ବୁଙ୍ଗ୍'କୁ ପୁରସ୍କୃତ କରାଯାଇଛି । ଏଥିସହିତ ବିଭିନ୍ନ ବର୍ଗରେ ଅନ୍ୟ ଚଳଚ୍ଚିତ୍ରଗୁଡ଼ିକୁ ମଧ୍ୟ ମନୋନୀତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **"କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିପ୍‌ଫେକ୍ ରୁ ସୁରକ୍ଷିତ ରହିବା"** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସାଇବର ଆଇନ

ବିଶେଷଜ୍ଞ ଡକ୍ଟର ପବନ ଦୁଗଲ୍ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଡକ୍ଟର ଅନୁପ ଗିରିଧର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆଇ.ସି.ସି. ଟି.-ଟ୍ୱେଣ୍ଟି

ଆଇ.ସି.ସି. ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ସୁପର୍ ଏଇଟ୍ ଗ୍ରୁପ୍-୧ ପର୍ଯ୍ୟାୟରେ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଚାଲିଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଜିମ୍ବାୱେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୱେଷ୍ଟଇଣ୍ଡିଜ୍ ୨ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ୧୧ ରନ୍ ସଂଗ୍ରହ କରିଛି ।

*****